ଧରିତ୍ରୀ
DHARITRI
ରବିବାର, ୩ ଅକ୍ଟୋବର ୨୦୨୧



## ସଂକ୍ଷେପରେ

### ମହିଳାଙ୍କ ଫୋନ୍ ପେ'ରୁ ୩ଲକ୍ଷ ୫୦ହଜାର ଲୁଟ୍

ସୋର, ୨।୧୦(ଡି.ଏନ.ଏ.)-ଜଣେ ମହିଳାଙ୍କ ଫୋନ୍ ପେରୁ ୩ଲକ୍ଷ ୫୦ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ଶୁକ୍ରବାର ସୋର ଥାନାରେ ଅଭିଯୋଗ ହୋଇଛି। ବାହାନଗା ବ୍ଲକ ଅଧୀନ ଗଣ୍ଡସ୍ତପୁର ଗ୍ରାମର ଜୟନ୍ତୀ କୁଅଁର ନାମ୍ନୀ ମହିଳା ଭେଷ୍ଟିଜ ନାମକ ଏକ ପ୍ରଡକ୍ଟ କମ୍ପାନୀରେ କାମ କରନ୍ତି। ସେ ସୋର-ମଙ୍ଗଳପୁର ରାସ୍ତାର ଜଗନ୍ନାଥପୁର ଛକରେ ରହନ୍ତି। ଗତ ୧୭ତାରିଖରେ ତାଙ୍କର ସମ୍ପର୍କୀୟ ବାହାନଗା ଅଞ୍ଚଳର ଚିଣ୍ଟୁ ନାମକ ଯୁବକ ପଠାଇଥିବା ଭଦ୍ରକ ଅଞ୍ଚଳରୁ ଦୁଇଜଣ ଯୁବକ ପ୍ରଡକ୍ଟ ନେବା ପାଇଁ ଆସିଥିଲେ। ଦୁଇ ଯୁବକ ତାଙ୍କ ଘରେ ପହଞ୍ଚି ତାଙ୍କ ସହିତ ଯୁକ୍ତିତର୍କ କରିବା ସହିତ ତାଙ୍କ ମୋବାଇଲ ଛଡ଼ାଇ ନେଇଥିବା ବେଳେ ନିଜ ମୋବାଇଲକୁ ଛାଡ଼ି ଦେଇଯାଇଥିଲେ। ମହିଳାଙ୍କ ମୋବାଇଲରେ ଥିବା ଫୋନ୍ ପେରୁ ୩ଲକ୍ଷ ୫୦ହଜାର ଟଙ୍କା ଉଠାଇ ନେଇଥିବା ନେଇ ସୋର ଥାନା ଅଭିଯୋଗ ହୋଇଛି।

### ଗାନ୍ଧୀ ଜୟନ୍ତୀରେ ପଥପ୍ରାନ୍ତ ନାଟକ

ବସ୍ତା, ୨।୧୦(ଡି.ଏନ.ଏ.)-ଗାନ୍ଧୀ ଜୟନ୍ତୀ ଅବସରରେ ଶନିବାର ନେହେରୁ ଯୁବା କେନ୍ଦ୍ର, ବାଲିଆପାଳର ମୁଖ୍ୟ ସମାଜସେବୀ ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ବସ୍ତା ନିର୍ବାଚନ ମଣ୍ଡଳୀ ଅଧୀନ ଜାମକୁଣ୍ଡା ପଞ୍ଚାୟତର ଜାମକୁଣ୍ଡା ଗ୍ରାମର ସୁରେନ୍ଦ୍ର ନାଥ ଯୁଥ କ୍ଲବର ସଭାପତି ମୃଣ୍ମୟ ସିଂହ, ସଦସ୍ୟ ରାଜନ କୁମାର ଦାସ, ସିଦ୍ଧାନ୍ତ କୁମାର ଜେନ, ବଳରାମ ରାଉତ, ଅପସ ଜେନା, ଗଣେଶ ମିର୍ଦ୍ଧା ପ୍ରମୁଖଙ୍କ ସହାୟତାରେ କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାସହିତ କୁଲ୍‌ହାଚଡ଼ ଗ୍ରାମରେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବା କେନ୍ଦ୍ର ବାଲିଆପାଳର ପୂର୍ବତନ ସଂଯୋଜକ ଦେବାଶିଷ ପରିଡ଼ା ପରିଚାଳନା କରିବା ସହ ନିରଞ୍ଜନ କୁଅଁର, ଜୟରାମ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

### ଗାନ୍ଧୀ, ଗୋପବନ୍ଧୁ, ଫକୀରମୋହନଙ୍କ ବ୍ରୋଞ୍ଜ ମୂର୍ତ୍ତି ଅନାବରଣ

ଖଇରା, ୨।୧୦(ଡି.ଏନ.ଏ.)-ଗାନ୍ଧୀ ଜୟନ୍ତୀ ଅବସରରେ ଖଇରା ବ୍ଲକ ଓ ଖଇରା ହାଇସ୍କୁଲ ପରିସରରେ ମହାନ ବରପୁତ୍ରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଖଇରା ହାଇସ୍କୁଲରେ ଗାନ୍ଧୀ, ଗୋପବନ୍ଧୁ ଓ ବ୍ଲକରେ ବ୍ୟାସକବିଙ୍କ ବ୍ରୋଞ୍ଜ ମୂର୍ତ୍ତି ଅନାବରଣ କରାଯାଇଛି।ପୁରାତନ ଛାତ୍ର ପରିଷଦ ସଭାପତି ମୁକ୍ତିକାନ୍ତ ଶତପଥିଙ୍କ ପୌରୋହିତ୍ୟରେ ଖଇରା ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପାଣିଗ୍ରାହୀ ଓ ଏମ୍‌ପି ମଣ୍ଡଳଙ୍କ ବ୍ୟତୀତ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ, ବିଡିଓ ପର୍ଶୁରାମ ପଣ୍ଡା, ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଉମେଶ ନାୟକ, ଅନ୍ତର୍ଯ୍ୟାମୀ ପାତ୍ର, ସରପଞ୍ଚ ସୁଦର୍ଶନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସେହିଭଳି ଖଇରା ବ୍ଲକରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଉତ୍ସବରେ ଉପରୋକ୍ତ ଅତିଥିମାନେ ଯୋଗଦେଇ ଫକୀରମୋହନଙ୍କ କାଳଜୟୀ ସାହିତ୍ୟ ଉପରେ ଆଲୋକପାତ କରିଥିଲେ।

# ପୁଣି ଫୁଲୁଛି ସୁବର୍ଣ୍ଣରେଖା

ବାଲିଆପାଳ, ୨।୧୦(ସ୍ୱ.ପ୍ର.)

ଚାଷ ଜମିରୁ ବନ୍ୟାଜଳ ଛାଡ଼ିବା ୩ଦିନ ନ ପୂରୁଣୁ ଶୁକ୍ରବାରଠାରୁ ପୁଣି ସୁବର୍ଣ୍ଣରେଖା ନଦୀର ଜଳସ୍ତର ଫୁଲିବାରେ ଲାଗିଛି। ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦସଂକେତ ୧୦.୩୬ ମିଟର ଥିବା ବେଳେ ଶୁକ୍ରବାର ସକାଳ ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ୭.୮୦ ମିଟରରେ ପ୍ରବାହିତ ହୋଇ ଶନିବାର ଅପରାହ୍ନ ସୁଦ୍ଧା ଜଳପତ୍ତନ ଧୀରେ ଧୀରେ ବଢ଼ି ୯.୧୩ ମିଟରରେ ପ୍ରବାହିତ ହେଉଛି। ଫଳରେ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ଜଳ ପଶିବାରେ ଲାଗିଛି।



ସୁବର୍ଣ୍ଣରେଖାରେ ବନ୍ୟା ଜଳ।

କ୍ରମାଗତ ପୂର୍ବ ବନ୍ୟାରେ ପରିବା ଚାଷ ଏବଂ ଧାନ ଗଛଗୁଡ଼ିକ ପଚି ସଢ଼ି ନଷ୍ଟ ହୋଇ ଯାହା ବଞ୍ଚିଥିଲା ସେତକ ବି ହରାଇବାର ଚିନ୍ତାରେ ଚାଷୀକୁଳ ହତାଶ ହୋଇପଡ଼ିଛି। ସରକାର ସୁବର୍ଣ୍ଣରେଖା ନଦୀବନ୍ଧ ପ୍ରତି ସୁଦୃଷ୍ଟି ଦେଇ ମୁକୁଳା ନଦୀବନ୍ଧକୁ ମଜଭୁତ୍ କରିବା ସହିତ ପୋତି ହୋଇପଡୁଥିବା ସୁବର୍ଣ୍ଣରେଖା ନଦୀ ମୁହାଣକୁ ଖନନ କରି ସୁଚାରୁ ରୂପେ ଜଳ ନିଷ୍କାସନ ବ୍ୟବସ୍ଥା କରିପାରିଲେ ବାଲିଆପାଳ ବ୍ଲକର ୫ ପଞ୍ଚାୟତର ୨୦ରୁ ଅଧିକ ଗାଁ ବାଲିଆପାଳ, କୁଦମାନସିଂହ, ସୁଙ୍ଗମୁହଁ, ନୟାବାଲି, ବିଷ୍ଣୁପୁର, ରାଉତୁରାପୁର, ଇକଡପାଲ୍, କୁହ୍ଲାଚଡ, ତାଳପଦା, ଜାମକୁଣ୍ଡାପଞ୍ଚରୁଖି, ଚରବସ୍ତକାଲରୁଇ, ଚୌଧୁରୀକୁଦ, ଅସ୍ତି, ସୂର୍ଜାପୁର ଆଦି ଗ୍ରାମକୁ ବନ୍ୟା ଜଳ ପଶିପାରନ୍ତା ନାହିଁ ବୋଲି ବାଲିଆପାଳ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଗାନ୍ଧିଜୀଙ୍କ ନୀତି, ଆଦର୍ଶକୁ ଆପଣେଇବାକୁ ଆହ୍ୱାନ

ବାଲେଶ୍ୱର ଅଫିସ,୨।୧୦

ବାଲେଶ୍ୱର ସିନେମା ଛକ ଶହୀଦ ପାର୍କସ୍ଥିତ ସୂଚନା କେନ୍ଦ୍ରଠାରେ ୧୫୨ତମ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଶନିବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ରାମଧୂନ ଶୋଭାଯାତ୍ରାରେ ଲୋକକଳା କଳାକାରମାନେ ଯୋଗଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶହୀଦ ପାର୍କ ଯାଏ ଯାଇଥିଲେ । ଶହୀଦ ପାର୍କଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସଭାପତିତ୍ୱ କରି ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଆମେ ନିଜ ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆଣିପାରିଲେ ଦେଶର ବିକାଶ ସାଧିତ ହେବା ସହ ଗାନ୍ଧିଜୀଙ୍କ ପ୍ରତି ତାହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଅତିରିକ୍ତ ଜିଲାପାଳ ରାଜସ୍ୱ ଭବେଶ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆଇଏଏସ ପ୍ରୋବେସନର କୁନାଲ ଚୌହାନ, ସଦର ବିଡିଓ ନରେନ୍ଦ୍ର ଖମାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଚାରି ଗାଁ ରାମେଶ୍ୱର ସଂସ୍କୃତି ବିଦ୍ୟାଳୟର ଶିକ୍ଷକ ମନ୍ମଥ କୁମାର ମିଶ୍ର ଗୀତା ପାଠ କରିଥିଲେ। ବାରବାଟୀ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ଜରିନା ବେଗମ ଏବଂ ଜିଲା ସ୍କୁଲର ମସ୍କୁର ଅଲୀ ଖାନ କୋରାନ ପାଠ କରିଥିଲେ। ଆର୍‌କେ ହିନ୍ଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆରତ ମନ୍ତ୍ରୀ ବାଇବେଲ ପାଠ କରିଥିଲେ। କବି ପ୍ରଶାନ୍ତ ଦାସ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲକ୍ଷ୍ମୀଧର ବେହେରା, ଶରତ ଦାଶ, ଜନ୍ନତ ହୁସେନ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।



ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବିଧାୟକ ସ୍ୱରୂପ ଦାସ ଓ ଅନ୍ୟ ଅଧିକାରୀମାନେ।

# ୨୪ ଦିନ ପରେ ପାସେଞ୍ଜର ରେଳଭଡ଼ା ଦ୍ୱିଗୁଣିତ

ଜଳେଶ୍ୱର, ୨।୧୦(ଡି.ଏନ.ଏ.)

**ଜଳେଶ୍ୱରରେ ଉତ୍ତେଜନା**

ଖଡ଼ଗପୁର-ଭଦ୍ରକ ମଧ୍ୟରେ ସବୁ ପାସେଞ୍ଜର ଟ୍ରେନ ଚଳାଚଳ ଲାଗି ପ୍ରବଳ ଦାବି ହେଉଥିବା ବେଳେ ତାଲା ବନ୍ଦ ପରେ ଚଳାଚଳ ଆରମ୍ଭ ହୋଇଥିବା ପାସେଞ୍ଜର ଟ୍ରେନ୍‌ର ଭଡ଼ା ଶନିବାରଠାରୁ ଦ୍ୱିଗୁଣିତ ହୋଇଛି। ଫଳରେ ବାଲେଶ୍ୱର ଜିଲା ଜଳେଶ୍ୱରରେ ଉତ୍ତେଜନା ଦେଖାଦେଇଛି।

ଦକ୍ଷିଣପୂର୍ବ ରେଳପଥର ଜଳେଶ୍ୱର ଦେଇ ୬ଯୋଡ଼ା ପାସେଞ୍ଜର ଚଳାଚଳ କରୁଥିବା ବେଳେ ତାଲା ବନ୍ଦ ଯୋଗୁ ସବୁଗୁଡିକ ବନ୍ଦ ହୋଇଯାଇଥିଲା। ଏସବୁ ଚଳାଚଳ ଲାଗି ସମାଜ କଲ୍ୟାଣ ବିକାଶ ପରିଷଦର ବାରମ୍ବାର ଦାବି ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରଖିଥିଲା। ଜଳେଶ୍ୱରର ବଣିକ ସଂଘ, ରେଳ ୟୁଜର୍ସ କମିଟି, ବସ୍ତା ଓ ରୂପ୍‌ସା ରେଳ ଷ୍ଟେସନରେ ଆନ୍ଦୋଳନ ଧମକ ଯୋଗୁ ଗତ ସେପ୍ଟେମ୍ବର ୭ତାରିଖଠାରୁ ଗୋଟିଏ ପାସେଞ୍ଜର ଟ୍ରେନ ଚଳାଚଳ ଆରମ୍ଭ କରିଥିଲା । ପୂର୍ବରୁ ଜଳେଶ୍ୱରରୁ ବାଲେଶ୍ୱର ୧୫ଟଙ୍କା ରେଳଭଡ଼ା ପଡୁଥିବା ବେଳେ ଶନିବାର ସକାଳଠାରୁ ଏହା ୩୦ଟଙ୍କାକୁ ବୃଦ୍ଧି ପାଇଛି। ଫଳରେ ଯାତ୍ରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହା ଜଣାଯିବା ପରେ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ କେତେକ ରେଳଯାତ୍ରୀ କର୍ତ୍ତୃପକ୍ଷଙ୍କ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି। ଏପରିକି ଆନ୍ଦୋଳନ ଲାଗି ରେଳ ସୁରକ୍ଷା ସଂଘ ପକ୍ଷରୁ ସଜବାଜ ହେଉଥିବା ଜଣାଯାଇଛି। ଆଗାମୀ ଦିନରେ ପାର୍ବଣ ଋତୁ ଥିବାରୁ ଯାତ୍ରୀ ସମାଗମକୁ ଲକ୍ଷ୍ୟ କରି ରେଳ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି । ଅତିଶୀଘ୍ର ଏ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି।

# ବିଧାୟକଙ୍କ ଦ୍ୱାରା ସଭାଗୃହ ଉଦ୍‌ଘାଟିତ

ଲଙ୍ଗଳେଶ୍ୱର, ୨।୧୦(ଡି.ଏନ.ଏ.)

ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତର ସଭାଗୃହକୁ ଶନିବାର ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲିଆପାଳ ବିଡିଓ ଲଳିତ ସୋରେଙ୍ଗ ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ରନାଥ ଅଣ୍ଡିଆ, ପୂର୍ବତନ ସରପଞ୍ଚ ଭଗବାନ ଗିରି, ବାଲିକୁଟୀ ପଞ୍ଚାୟତର ସମିତିସଦସ୍ୟ ପ୍ରିୟନାଥ ମୁର୍ମୁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ବାଲିକୁଟୀ ସରପଞ୍ଚ ବୈକୁଣ୍ଠ ଚରଣ ରାଉତ ସଭାପତିତ୍ୱ କରିଥିଲେ। ନାଏବ ସରପଞ୍ଚ ଶାନ୍ତିଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ବୈଠକରେ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।

# ବନ୍ୟା ଅଞ୍ଚଳରେ ଆଶ୍ରୟସ୍ଥଳୀ ନିର୍ମାଣକୁ ଗୁରୁତ୍ୱ





ସମୀକ୍ଷା ବୈଠକରେ ଉପସ୍ଥିତ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସହ ପ୍ରଶାସନିକ ଅଧିକାରୀ।

ବାରିପଦା ଅଫିସ,୨।୧୦

**କ୍ଷୟକ୍ଷତି ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ**

ବିଗତ ଦିନରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଶନିବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଓ ରାଜସ୍ୱ ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି । ବର୍ଷା ଓ ବନ୍ୟାରେ ପ୍ରଭାବିତ ହେଉଥିବା ଅଞ୍ଚଳ ଗୁଡିକରେ ନୂତନ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ଓ କ୍ଷୟକ୍ଷତିର ଚୂଡାନ୍ତ ରିପୋର୍ଟ ଏସ୍‌ଆରସିକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୨୧ ଓ ୨୨ତାରିଖରେ ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁ ଜିଲାର ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକ ୨୯ଟି ପଞ୍ଚାୟତର ୧୬୩ଟି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏଥିରେ ୨୬,୪୧୧ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୫୬ଟି ଘର ଭାଙ୍ଗିଛି । ମୋରଡା ବ୍ଲକରେ କାନ୍ଥପଡି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଗୃହପାଳିତ ପଶୁଙ୍କ ୧୨ଟି ଘର ନଷ୍ଟ ହୋଇଛି। ଶୁଳିଆପଦା ବ୍ଲକରେ ଥିବା ଚେକ୍ ଡ୍ୟାମର ଉଭୟ ପାର୍ଶ୍ୱ ମାଟି ଧୋଇ ହୋଇଯାଇଥିବା ବେଳେ ୩୦.୭୦କିମି ରାସ୍ତା ଅଳ୍ପ ଅଧିକ ନଷ୍ଟ ହୋଇଛି। ସେହିପରି ଜିଲା କୃଷି ବିଭାଗର ରିପୋର୍ଟ ଅନୁସାରେ ଏହି ସବୁ ବ୍ଲକର ୭ଟି ପଞ୍ଚାୟତର ୩୩ପ୍ରତିଶତରୁ ଉର୍ଦ୍ଧ୍ୱ ଧାନଚାଷରେ ୭୫ହେକ୍ଟର ଜମିର ଚାଷ ନଷ୍ଟ ହୋଇଛି। ଚାଷୀଙ୍କ କ୍ଷୟକ୍ଷତି ଭରଣା ନିମନ୍ତେ ୫ଲକ୍ଷ ୧୦ହଜାର ଟଙ୍କା ଆବଶ୍ୟକ ଥିବା ନେଇ କୃଷି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ରାସଗୋବିନ୍ଦପୁର ବ୍ଲକରେ ବନ୍ୟା ପରିସ୍ଥିତି ସମ୍ପର୍କରେ ବିଧାୟକ ରାଜକିଶୋର ଦାସ ଆଲୋଚନା କରିଛନ୍ତି । ଜିଲାର ବଡ଼ସାହି, ବେତନଟୀ, ରାସଗୋବିନ୍ଦପୁର, ମୋରଡା ଓ କୁଳିଅଣା ବ୍ଲକର ପୋଡ଼ାଅସ୍ତିଆ ଠାରେ ବନ୍ୟାବାତ୍ୟାରେ ପ୍ରଭାବିତ ହେଉଥିବା ଅଞ୍ଚଳ ଗୁଡିକରେ ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଟକଳ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ ମୃତ୍ୟୁବରଣ କରିଥିବା ୨୮ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧କୋଟି ୧୨ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ଜିଲାପାଳ ବିନୀତ ଭରଦ୍ୱାଜ, ପିଡିଡିଆରଡିଏ ପି. ଅନ୍ୱେଷା ରେଡ୍ଡି, ଉପଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ସମସ୍ତ ଉପଜିଲାପାଳ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି।

# ମୋ ସ୍କୁଲ ଅଭିଯାନର ସମୀକ୍ଷା କଲେ ଉପଶିକ୍ଷା ନିର୍ଦ୍ଦେଶକ

ଜଳେଶ୍ୱର, ୨।୧୦(ଡି.ଏନ.ଏ.)

୫ଟି ମୋ ସ୍କୁଲ ଅଭିଯାନରେ ୨ଜଣ ଉପଶିକ୍ଷା ନିର୍ଦ୍ଦେଶକ ଶନିବାର ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଶାନ୍ତିଆ ଶୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ରହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଉପଶିକ୍ଷା ନିର୍ଦ୍ଦେଶକ ସସ୍ମିତା ମାଳି ଓ ତନ୍ମୟା ଦାସଙ୍କ ସହିତ ଭୋଗରାଇ ଓ ଜଳେଶ୍ୱରର ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ଦାସ, ଜଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ, ଏବିଇଓ ସୁଶାନ୍ତ ଜେନା ଓ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ସମୀକ୍ଷା ବୈଠକରେ ଆଲୋଚନାରେ ଭାଗ ନେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟାକୁ ଲକ୍ଷ୍ୟ କରି ଖାଲିଥିବା ପଦବୀ ଓ ୫ଟି ଯୋଜନାରେ ଅଧିକ ଅର୍ଥ ବରାଦ କରିବାକୁ ପୂର୍ବତନ ଛାତ୍ର ସଂଘ ଓ ବହୁ ଶୁଭେଚ୍ଛୁମାନେ ଅନୁରୋଧ କରିଥିଲେ।

# ବସ୍ତାର ବୀରପୁତ୍ର ଦେବେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା

ରୂପସା, ୨।୧୦(ଡି.ଏନ.ଏ.)

**ସୈନ୍ୟବାହିନୀରୁ ଅବସର ପରେ ଜନ୍ମଭୂମିକୁ ଫେରିଲେ**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅଧୀନ ସାନଖୁଡ଼ି ଗ୍ରାମର ବୀର ଯବାନ ଦେବେନ୍ଦ୍ର କୁମାର ସାହୁଙ୍କୁ ଗାଁ ମାଟିରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରତୀୟ ସେନାବାହିନୀରେ ଦୀର୍ଘ ୧୭ ବର୍ଷ କାର୍ଯ୍ୟ କରି ସେ ଶୁକ୍ରବାର ଅବସର ଗ୍ରହଣ କରିଥିଲେ। ସନ୍ଧ୍ୟାରେ ଗାଁକୁ ଫେରିବା ପରେ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ପୁଷ୍ପଗୁଚ୍ଛ, ଫୁଲହାର ଓ ଉତ୍ତରୀୟ ପ୍ରଦାନ କରି ମଥାନୀ ବାଇପାସ୍ ନିକଟ ଗଳାପୋଲଠାରୁ ସାନଖୁଡ଼ି ଗାଁ ପର୍ଯ୍ୟନ୍ତ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ନେଇ ଘରେ ପହଞ୍ଚାଇଥିଲେ। ସରପଞ୍ଚ ଅନୀଲ କୁମାର ମହାପାତ୍ର, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ନାୟକ, ଯୁବ ସଭାପତି ରଞ୍ଜନ କୁମାର ସିଂ ଓ ୱାର୍ଡ଼ସଭ୍ୟ ଅଗଣା ସାହୁଙ୍କ ସମେତ ବନ୍ଧୁବାନ୍ଧବ, ପରିବାରବର୍ଗ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିଲେ।

ଯବାନ ଦେବେନ୍ଦ୍ର ବାପା ସ୍ୱର୍ଗତ ପିତାମ୍ବର ସାହୁ ଓ ମା' ଆଶାମଣୀ ସାହୁଙ୍କର ଏକମାତ୍ର ପୁଅ ଅଟନ୍ତି। ସେ ୨୦୦୪ ସେପ୍ଟେମ୍ବର ୧୮ରେ ପ୍ରଥମେ ମଧ୍ୟପ୍ରଦେଶର ଜବାଲପୁରରେ ଭାରତୀୟ ସେନାବାହିନୀରେ ଯୋଗ ଦେଇଥିଲେ। ଏହାପରେ ସେ ପଶ୍ଚିମବଙ୍ଗର ପାନାଗଡ଼କୁ ବଦଳି ହୋଇ କାର୍ଯ୍ୟଭାର ତୁଲାଇଥିଲେ। ଜନ୍ମଭୂମି ଓ ଜନ୍ମମାଟିର ସେବା କରିବା ସହ ଭବିଷ୍ୟତ ଜୀବନକୁ ସେ ସମାଜସେବାରେ ନିୟୋଜିତ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ସମ୍ବର୍ଦ୍ଧନା ଉତ୍ସବରେ ସ୍ତ୍ରୀଙ୍କ ସହ ଦେବେନ୍ଦ୍ର।

# ସମର୍ଥକଙ୍କ ସହ ବିଜେଡିରେ ମିଶିଲେ ରପେୟା ସରପଞ୍ଚ

ଖଇରା, ୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରପେୟା ପଞ୍ଚାୟତର ବର୍ତ୍ତମାନର ସରପଞ୍ଚ ଅଜୟ କୁମାର ସାମଲ ନିଜର ବହୁ ସମର୍ଥକଙ୍କ ସହ ଭାଜପା ଛାଡି ବିଜେଡିରେ ମିଶିଛନ୍ତି। ୨ଥର ସରପଞ୍ଚ ଜିତିଥିବା ସାମଲଙ୍କର ବିଜେଡି ଶିବିରରେ ସାମିଲକୁ ନେଇ ଖଇରା ରାଜନୈତିକ ପାଣିପାଗରେ ଉଷ୍ମତା ଦେଖାଦେଇଛି । କେବଳ ସାମଲ ନୁହନ୍ତି ତାଙ୍କର ଅନ୍ୟତମ ସହଯୋଗୀ ଭାବେ ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ଦାସ, ପ୍ରାକ୍ତନ ସମିତିସଭ୍ୟ ରତ୍ନାକର ଦାସ, ୱାର୍ଡସଭ୍ୟ ସାରଥୀ ସ୍ୱାଇଁ ଓ ପ୍ରଶାନ୍ତ ମହାନ୍ତି, ସଭ୍ୟା ଜୟନ୍ତୀ ନାୟକ, ରମାକାନ୍ତ ସ୍ୱାଇଁ ପ୍ରମୁଖ ପ୍ରାଥମିକ ସଦସ୍ୟପଦ ଗ୍ରହଣ କରିଥିଲେ । ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ମିଶ୍ରଣ ପର୍ବରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା ଓ ସୁଷମା ମହାପାତ୍ର, ବ୍ଲକ ମହିଳା ସଭାପତି ରଶ୍ମିତା ମହାପାତ୍ର, ଯୁବ ବିଜେଡି ସଭାପତି ମୁକ୍ତିକାନ୍ତ ସ୍ୱାଇଁ, ପଞ୍ଚାୟତ ସଭାପତି ଗଦାଧର ଦାସ, ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ପାଣିଗ୍ରାହୀ ରପେୟା ଗ୍ରାମରେ ଅବହେଳିତ ହୋଇ ରହିଥିବା ୨ଶହ ବର୍ଷର ପୁରାତନ ମଠ ପାଇଁ ୨୫ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିଲେ।



ମନ୍ତ୍ରୀ ଓ ଏମ୍‌ପି ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରୁଛନ୍ତି ।

# ଗାନ୍ଧୀ ଜୟନ୍ତୀରେ ଚାରାରୋପଣ

ବାହାନଗା, ୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୀଳଗିରି ନିର୍ବାଚନମଣ୍ଡଳୀ ଅଧୀନ ପଥରପେଣ୍ଠ ପଞ୍ଚାୟତ ଶିବପୁରା ଗ୍ରାମରେ ଥିବା ୟୁଜିଏମ୍‌ଇ ସ୍କୁଲ ପରିସରରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଚାରାରୋପଣ କରାଯାଇଛି। ସୂର୍ଯ୍ୟକାନ୍ତ ବିଦ୍ଧାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସନ୍ତୋଷ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ମହାତ୍ମାଗାନ୍ଧୀ ଓ ଲାଲାବାହାଦୁର ଶାସ୍ତ୍ରୀଙ୍କ ଜୀବନାଦର୍ଶ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଥରପେଣ୍ଠ ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ସାମାଜିକ କର୍ମୀ ତଥା ବିଜେଡି ନେତା ଶ୍ରୀଧର ମହାନ୍ତି, ଦାମୋଦର ବେହେରା ପ୍ରମୁଖ ସାଧାରଣ ସଭାରେ ଯୋଗ ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ସଫେଇ କରାଯିବା ସହ ଶିବପୁରା ଓ ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଫୁଲ ଓ ଫଳଚାରା ରୋପଣ କରିଥିଲେ।

# ଶ୍ରମିକ ନେତାଙ୍କୁ ମାଡ଼ ଅଭିଯୋଗ

ଯୋଡ଼ା,୨।୧୦(ଡି.ଏନ.ଏ.)

**କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଆପୋସ ବୁଝାମଣା**

କେନ୍ଦୁଝର ଜିଲ୍ଲା ଯୋଡ଼ା ଖାଣିମଣ୍ଡଳ ଅଧୀନ ଟାଟା କମ୍ପାନୀର ଖଣ୍ଡବନ୍ଧ ଲୌହ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ସଂଘର ଜଣେ ନେତାଙ୍କୁ ମାଡ଼ ମରାଯିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଆପୋଷ ବୁଝାମଣା କରାଇଦେଇଥିବା ଅଭିଯୋଗକାରୀ ଅଞ୍ଜନ କୁମାର ପାତ୍ର ପ୍ରକାଶ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ସେ ପୂର୍ବରୁ ଖଣ୍ଡବନ୍ଧ ଲୌହ ଖଣି ମଜଦୁର ସଂଘର ସମ୍ପାଦକ ଥିଲେ। ଗତ ସେପ୍ଟେମ୍ବର ୧୨ରେ ନୂତନ ଭାବେ ଶ୍ରମିକ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ୨୫ରେ ଯୋଡ଼ାସ୍ଥିତ ଶ୍ରମିକ ସଂଘ କାର୍ଯ୍ୟାଳୟରେ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର ବେଳେ ତାଙ୍କୁ ସେଠାରେ ଉପସ୍ଥିତ ଥିବା କମ୍ପାନୀର ଜଣେ କର୍ମଚାରୀ ଗୋଇଠା ମାରିଥିଲେ। ଫଳରେ ସେ ତଳେ ପଡ଼ି ଆହତ ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସିତ ହେବାପରେ ଏନେଇ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏତଲା ନେବା ପରେ ପୁନର୍ବାର ଏତଲା ଦେବାକୁ କହିଥିଲା। ପୋଲିସ ଦୁଇ ଦୁଇଟି ଏତଲା ନେବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ପ୍ରତିପକ୍ଷଙ୍କୁ ଥାନାକୁ ଡକାଇ ଆପୋଷ ବୁଝାମଣା ପତ୍ରରେ ଦସ୍ତଖତ ନେଇଥିଲା। ତାଙ୍କ ଠାରୁ ମଧ୍ୟ ପୋଲିସ ଜବରଦସ୍ତ ଦସ୍ତଖତ କରାଇ ନେଇ ମାମଲାଟିକୁ ସମାଧାନ କରିଦେଇଥିଲା। ତେବେ କମ୍ପାନୀ ପକ୍ଷରୁ ଏ ନେଇ ତଦନ୍ତ କରାଯାଇଥିଲେ ହେଁ କମ୍ପାନୀ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିବା ସେ କହିଛନ୍ତି। ଏ ନେଇ ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି ଯେ, ଦୁଇ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ଥାନାରେ ହୋଇଛି। ପରବର୍ତ୍ତୀ ସମୟରେ ଆଉ କିଛି ଅଭିଯୋଗ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଟାଟାଷ୍ଟିଲ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଆଶିଷ ଆଚାର୍ଯ୍ୟ ବାହାରେ ଥିବାରୁ ଘଟଣା ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି। ଯୋଡ଼ାରେ ଥିବା ପାତ୍ର ତନ୍ତୀ କଲ୍ୟାଣ ସମିତି ଉକ୍ତ ଘଟଣାକୁ ନିନ୍ଦା କରିବା ସହିତ କମ୍ପାନୀକୁ ଏନେଇ ଲିଖିତ ଭାବେ ଅଭିଯୋଗ କରିବେ ବୋଲି କୁହାଯାଇଛି।

## ପୋଖରୀରେ ବୁଡ଼ି ୨ ମୃତ

ପଦ୍ମପୁର,(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରେ ଶନିବାର ପୋଖରୀରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କିସ୍ମତ କୃଷ୍ଣପୁର ଗ୍ରାମର ସରସ୍ୱତୀ ନାୟକ(୬୫) ମଧ୍ୟାହ୍ନରେ ଶୌଚ ହେବା ପାଇଁ ବାଡ଼ିକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜି ଏକ ପୋଖରୀରେ ଭାସୁଥିବା ବେଳେ ଉଦ୍ଧାର କରିଥିଲେ। ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଇରମ ପଞ୍ଚାୟତ ଈଶ୍ୱରପୁର ଗ୍ରାମର ଶ୍ରୀଧର ମଲ୍ଲିକ(୩୬) ଏକ ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି।



## ସଂକ୍ଷେପରେ

### ଗର୍ଭପାତ ଅଭିଯୋଗ: କ୍ୱାକ୍‌ଙ୍କ ସମେତ ୨ ଗିରଫ

ସାରସକଣା, ୨।୧୦(ଡି.ଏନ.ଏ.) ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଏବଂ ପରେ ଗର୍ଭପାତ କରାଇବା ନେଇ ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ କ୍ୱାକ୍‌ଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ପଞ୍ଚମତଳିଆ ଗ୍ରାମର ଜଗତପତି ବାସ୍କେ(୩୩) ରାଜମିସ୍ତ୍ରି ଭାବେ କାମ କରୁଥିଲା ବେଳେ ଜଣେ ଯୁବତୀ ତାଙ୍କ ପାଖରେ ଦିନମଜୁରିଆ ଭାବେ କାମ କରୁଥିଲେ। ଜଗତପତି ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ସେ ଦୁଇମାସର ଗର୍ଭବତୀ ହୋଇଥିଲେ। ଗର୍ଭପାତ କରିବା ପାଇଁ କ୍ୱାକ୍ କୁଲଡିହା ଗ୍ରାମର ମନୋରଞ୍ଜନ ମହାପାତ୍ର(୪୫)ଙ୍କଠାରୁ ଔଷଧ ଆଣି ଖାଇଥିଲେ। ଅସୁସ୍ଥତା ଅନୁଭବ କରିବା ପରେ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ସଖୀ ୱାନ ଷ୍ଟପ ସେଣ୍ଟର ତରଫରୁ ଝାରପାଖରିଆ ଥାନାରେ ଲିଖିତ ଅଭିଯୋଗ କ୍ରମେ ଶୁକ୍ରବାର ମାମଲା (ନଂ.୨୧୬/୨୧) ରୁଜୁ କରି ୨ ଅଭିଯୁକ୍ତ ଜଗତପତି ଓ ମନୋରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ କହିଛନ୍ତି। କ୍ୱାକ୍‌ଙ୍କ ନିକଟରୁ ବହୁ ପରିମାଣରେ ଔଷଧ ଜବତ କରାଯାଇଛି।

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

କପ୍ତିପଦା,୨।୧୦(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକର ଶରତ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଲାବଣ୍ୟଦେଇପୁର ଗ୍ରାମର ଦୁର୍ଯ୍ୟୋଧନ ବେହେରା। ଯୁବତୀଙ୍କ ଭାଇ ଶରତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୩/୨୧) କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ, ୨।୧୦(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଲଙ୍ଗଲକଣ୍ଟି ଗ୍ରାମରେ ଏକ ବାଇକ୍ ଦୁର୍ଘଟଣାରେ ରବୀନ୍ଦ୍ର ନାୟକ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରବୀନ୍ଦ୍ର ଗତ ୨୫ ତାରିଖ ସନ୍ଧ୍ୟାରେ ଲଙ୍ଗଲକଣ୍ଟି ଆଡୁ ଚାଲି ଚାଲି ନିଜ ଘରକୁ ଆସୁଥିବା ବେଳେ ଏକ ବାଇକ ଦ୍ରୁତ ଗତିରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସିତ ଅବସ୍ଥାରେ ଶନିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଛି। ଢେଙ୍କିକୋଟ ପୋଲିସ ମୃତଦେହ ଜବତ କରି ଘଟଗାଁ ଥାନାରେ ମାମଲା ରୁଜୁ କରିଛି।

### ନବବଧୂଙ୍କ ମୃତଦେହ ଜବତ

ତେଲକୋଇ, ୨।୧୦(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତ ସରୁଆଲି ଗ୍ରାମରେ ଜଣେ ନବବଧୂଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ଗତ ଶୁକ୍ରବାର ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ପୋଲିସ ମାମଲା (ନଂ. ୪୧/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ। ତେବେ ନବବଧୂଙ୍କ ବାପଘର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି।

### ଶିକ୍ଷାବିତ୍ ନବକିଶୋରଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ ଅଫିସ,୨।୧୦-ଭଦ୍ରକ ଜିଲା ସଦର ବ୍ଲକ ବରାଙ୍ଗ ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ନବକିଶୋର ପଲାଇଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସେବାନିବୃତ୍ତ ଶିକ୍ଷକ ବାବାଜୀ ଚରଣ ସାମଲ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଇଂ. ଅଭୟ ସୂତାର, ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ଖବରଦାତା ଜ୍ଞାନପ୍ରକାଶ ପାଣି, ପଣ୍ଡିତ ଦୈତାରୀ ମହାପାତ୍ର, ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ, ଡା. ପ୍ରଦୀପ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ତ୍ରିପାଠୀ, ଆଇନଜୀବୀ ଗଦାଧର ବଳ, ସରପଞ୍ଚ ଭରତ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ନାୟକ, ଶରତ ନାୟକ, ଭାସ୍କର ଚନ୍ଦ୍ର ଜେନା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ପଲାଇଙ୍କ ସାନପୁଅ ଅଜୟ ପଲାଇ ଧନ୍ୟବାଦ ଦେଇଥିଲେ।

# ଶିମିଳିପାଳ ସୁରକ୍ଷା ପାଇଁ ରାଲି

ବାରିପଦା ଅଫିସ,୨।୧୦

'ଆଜାଦି କା ଅମୃତ' ଅବସରରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ବାଘ ସଂରକ୍ଷଣ ଓ ଜୈବ ବିବିଧତା ସଂରକ୍ଷଣ ବାର୍ତ୍ତାକୁ ନେଇ 'ଇଣ୍ଡିଆ ଫର ଟାଇଗର-ଏ ରାଲି ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମ ବାରିପଦା ଠାରେ ଉଦ୍‌ଯାପିତ ହୋଇଛି। ତେଲଙ୍ଗାନାରୁ ବାହାରିଥିବା ଏହି ରାଲିକୁ ବିଭାଗ ପକ୍ଷରୁ ଶୁକ୍ରବାର ରାତିରେ କୁଳିଅଣା ଠାରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଗାନ୍ଧୀ ଜୟନ୍ତୀ ଦିନ ସକାଳେ ଏକ ସାଇକେଲ ରାଲି ଭଞ୍ଜପୁର ଠାରୁ ଆରମ୍ଭ ହୋଇ ବଜାର ପରିକ୍ରମା କରି ଜନସଚେତନତା ବାର୍ତ୍ତା ପ୍ରଦାନ କରିଥିଲା। ଏହା ପରେ ମୁର୍ଗାବାଡିସ୍ଥିତ ପ୍ରୟାସ ହଲରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ୍ ଜଗଜୟାନନ୍ଦଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଏନ୍‌ଟିସିଏର ସଦସ୍ୟ ତଥା ଓଡ଼ିଶା ଲୋକାୟୁକ୍ତ ସଦସ୍ୟ ଡ.ଦେବବ୍ରତ ସ୍ୱାଇଁ ଉପସ୍ଥିତ ଥିଲେ। ଶିମିଳିପାଳର ଚତୁଃପାର୍ଶ୍ୱରେ ଥିବା ବନବାସୀ ଓ ଜନସାଧାରଣଙ୍କ ସହିତ ଦୁଃଖସୁଖରେ ବିଭାଗୀୟ କର୍ମଚାରୀମାନେ ଭାଗିଦାରୀ ହୋଇପାରିଲେ ଅଭୟାରଣ୍ୟର ସୁରକ୍ଷା ହୋଇପାରିବ। ଏହା ସହିତ ଜଙ୍ଗଲ ମଧ୍ୟରେ ବାଉଁଶ ଓ ଶିଆଳୀଲଟା ଲଗାଇ ପାରିଲେ ବନ୍ୟଜନ୍ତୁମାନେ ନିରାପଦରେ ରହିବା ସହିତ ଗାଁ ଓ ସହରମୁହାଁ ହେବେ ନାହିଁ ବୋଲି ମତାମତ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ଅନ୍ୟତମ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋରଡା ବିଧାୟକ ରାଜକିଶୋର ଦାସ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ) ଉପନିର୍ଦ୍ଦେଶକ ସମ୍ରାଟ ଗୌଡା, ଉତ୍ତରରେ ଥିବା ଉପନିର୍ଦ୍ଦେଶକ ସାଇ କିରଣ, ଆନ୍ଧ୍ରପ୍ରଦେଶ ଏନଏସ୍‌ଟିଆର୍‌ର ଉପନିର୍ଦ୍ଦେଶକ ସି.ଚୈତନ୍ୟ, ସେଭ ଏଲିଫ୍ୟାଣ୍ଟ ଫାଉଣ୍ଡେସନର ସଦସ୍ୟ ଡ.ରଜନୀକାନ୍ତ ଜେନା, ବାରିପଦା ଡିଏଫଓ ସନ୍ତୋଷ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିମିଳିପାଳ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଉପଖଣ୍ଡସ୍ତରୀୟ ୪ଅଧିକାରୀଙ୍କୁ ବିଜୁ ପଟ୍ଟନାୟକ ପରୁସ୍କାର, ହାତୀକୁ ସୁରକ୍ଷା ଦେଇଥିବା ଫ୍ରଣ୍ଟ ଲାଇନର ୨ଅଧିକାରୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ବନାଞ୍ଚଳରେ ଥିବା ୧୪ଜଣଙ୍କୁ ଅତିଥି ମାନେ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

### ତେଲଙ୍ଗାନାରୁ ଆସି ପହଞ୍ଚିଲା



ଭଦ୍ରକରେ ସଞ୍ଜୀବ ହିରୋ ପକ୍ଷରୁ ଅନୁଷ୍ଠିତ ସଚେତନତା ରାଲି ଉଦ୍‌ଘାଟନ ଅବସରରେ ଏମ୍‌ପି ମଞ୍ଜୁଳତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

## ବିଭିନ୍ନ ସ୍ଥାନରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଭଦ୍ରକ ଅଫିସ/ ବାସୁଦେବପୁର, ୨।୧୦(ଡି.ଏନ.ଏ.)

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ସମାରୋହ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଗାନ୍ଧୀପଡ଼ିଆରେ ମଞ୍ଚର ସଦସ୍ୟମାନେ ସଫେଇ କାର୍ଯ୍ୟ କରିଥିଲେ। ପରେ ସାମାଜିକ କର୍ମୀ ଡା. ହରେକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଜୟନ୍ତୀ ସମାରୋହ ଆରମ୍ଭ କରାଯାଇଥିଲା। ଗରଦପୁର ସ୍ଥିତ ଗାନ୍ଧୀ ବାଳାଶ୍ରମ ପିଲାମାନଙ୍କ ରାମଧୂନ ଗାନ ଓ ଗାନ୍ଧୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତୋ ପରିବେଷଣ ପରେ ବିଶିଷ୍ଟ ସମାଜସେବୀ ସୁଧାକର ରାଉତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ପ୍ରାଧ୍ୟାପିକା ପ୍ରଭାତ ନଳିନୀ ମହାପାତ୍ରଙ୍କ ସ୍ୱାଗତ ଭାଷଣ ଓ କବି ଗୌତମ ମହାରଣାଙ୍କ ଅତିଥି ପରିଚୟ ପ୍ରଦାନ ପରେ ସମ୍ପାଦକ ଶାନ୍ତନୁ ରାଉତ ସମାଜର ଅବହେଳିତ ବର୍ଗର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ି ଦୁଇଟି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ମନୀନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ପଦ୍ମନାଭ ପାଢ଼ୀଙ୍କୁ ସେବା ସମର୍ପଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବି ଶାନ୍ତନୁ ରାଉତଙ୍କ ଇଂରାଜୀ କବିତା ବହି 'ୱେଲକମ୍ ସାଇଲେନ୍ସ'ର ଲୋକାର୍ପଣ କରାଯାଇଥିଲା। ମୁଖ୍ୟଅତିଥି ବିଧିବକ୍ତା ନିରାକାର ଜେନା, ଅନ୍ୟତମ ଅତିଥି ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଏସ୍. ଏମ୍. ଫାରୁକ୍ ପ୍ରମୁଖ ଯୋଗ ଦେଇଥିଲେ। ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ଅଭିମତ ରଖିଥିଲେ। କ୍ଷୀରୋଦ ମିଶ୍ର, ଅଜିତ ନାୟକ, ବାମଦେବ ମିଶ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ। ସେହିପରି ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତର ରଥପଦାଠାରେ ଶହୀଦ ମେମୋରିଆଲ ସଂଗ୍ରାମୀ ମହାସଂଘ ପକ୍ଷରୁ ଅଣବନ୍ଦୀ ସଂଗ୍ରାମୀ ଓ ତାଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ବରିଷ୍ଠ ସଦସ୍ୟ ମାୟାଧର ଦାସ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦିକା ସରସ୍ୱତୀ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟରେ ସଭା ଅନୁଷ୍ଠିତ ହୋଇଥିଲା।

## ନିଶା କାରବାର ବନ୍ଦ ଦାବିରେ ଧାରଣା

ଉଦଳା, ୨।୧୦ (ଡି.ଏନ.ଏ.)

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ନିଶା କାରବାର ବନ୍ଦ ଦାବିରେ ଶନିବାର ମୟୂରଭଞ୍ଜ ଜିଲା ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ଓ ମିଳିତ ଓଡ଼ିଶା ନିଶା ନିବାରଣ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି। ଶତାଧିକ ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇଛନ୍ତି। ସରକାର ମଦ ଦୋକାନୀଙ୍କୁ ପ୍ରୋତ୍ସାହନ ଦେଉଥିବା ବେଳେ ପ୍ରତ୍ୟେକ ଦିନ ମଦ ପାଇଁ ଅନେକ ଅପରାଧ ଘଟିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ମଦ କାରବାର ବନ୍ଦ ପାଇଁ ଦାବି କରାଯାଇଛି। ଏହା ଉପରେ ରୋକ ନ ଲାଗିଲେ ସଙ୍ଗଠନ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଧାରଣାରତ ମହିଳା ସରସ୍ୱତୀ ଦେହୁରୀ, ନନ୍ଦିତା ନାୟକ, ସଂଯୁକ୍ତା ନାଏକ, ରାମଚନ୍ଦ୍ର ମଣ୍ଡଳ, ସାଗି ମହାକୁଡ, ଅନିତା ନାଏକ, ମନମୋହନ ମିଶ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଜୟନ୍ତୀରେ ଗାନ୍ଧୀ, ଶାସ୍ତ୍ରୀଙ୍କୁ ମନେ ପକାଇଲେ

ବାରିପଦା ଅଫିସ,୨।୧୦

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ପାର୍କରେ ଜିଲାପାଳ ବିନୀତ ଭରଦ୍ୱାଜ, ସଦର ଉପଜିଲାପାଳ ଅନ୍ୟା ଦାସ, ପିଡି ଡିଆର୍‌ଡିଏ ପି.ଅନ୍ୱେଷା ରେଡ୍ଡି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାଏକ, ଖବରଦାତା ଏବଂ ବିଭିନ୍ନ ବିଭାଗର ପଦାଧିକାରୀ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ହେମନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ମହାନ ପୁରୁଷଙ୍କ ଜୀବନୀ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ଭାଜପା ପକ୍ଷରୁ ଏକ ତ୍ରିରଙ୍ଗା ରାଲି ସଭାପତି କାନ୍ଦରା ସୋରେନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କର୍ମକର୍ତ୍ତାମାନେ ବଜାର ପରିକ୍ରମା କରିଥିଲେ। ବିଜେଡି କର୍ମୀମାନେ ପିଆର୍‌ଏମ୍ ମେଡିକାଲରେ ସଫେଇ କାର୍ଯ୍ୟ କରିଥିଲେ। ଏହି ଅବସରରେ ଭାଜପା, କଂଗ୍ରେସ ଓ ବିଜେଡି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## 'ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୁଅ'

କେନ୍ଦୁଝର/ପାଟଣା/ଯୋଡ଼ା, ୨।୧୦ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ମହକୁମାରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କର ଜୟନ୍ତୀ ଏବଂ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଶନିବାର ପାଳିତ ହୋଇଯାଇଛି । ଜିଲାପାଳ ଆଶିଷ ଠାକରେଙ୍କ ଅକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଉଭୟଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଶନିବାର ସେବା ସପ୍ତାହ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ସାହାରପଡା ବ୍ଲକରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନଏକ, ଉପାଧ୍ୟକ୍ଷା କିରଣ ବାଳା ସିଂ, ଜିଲା ବିଜେଡି କୃଷକ ସଭାପତି ଦୀପକ ରାଜ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟନାରାୟଣ ପଣ୍ଡା, ପ୍ରଣବ କୁମାର ପହିଙ୍କ ସହ ବହୁ ବିଶିଷ୍ଟ ନେତା ଯୋଗ ଦେଇଥିଲେ। ସେହିପରି ଯୋଡ଼ା ବିଜେଡି ନଗର ସଭାପତି ଚତୁର୍ଭୁଜ ପଲେଇଙ୍କ ନେତୃତ୍ୱରେ ୭ନଂ ୱାର୍ଡରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଛାତ୍ର ସଭାପତି ଦିପ୍ତୀରଞ୍ଜନ ବାରିକ, ଯୁବ ସଭାପତି ବିଜୟ ଲୋହାର, ଉପସଭାପତି ସତ୍ୟାନନ୍ଦ କାରୁଆ, ହେମନ୍ତ ସାହୁ, ପୂର୍ବତନ ନଗରପାଳ ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଦ୍ୟାଳୟରୁ ଚୋରି, ୨ ଗିରଫ

ବଡ଼ବିଲ,୨।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ କଳିଙ୍ଗନଗର ବାଳିକା ଉଚ୍ଚ ବିଦ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦୟ ହେଲେ ଦାମୁ ହଟିଂ ଅଞ୍ଚଳର ଅଜିତ କୁମାର ବେହେରା ଓ ଶେର ସିଂହ।ସୂଚନା ଅନୁଯାୟୀ, ଗତ ୨୪ ତାରିଖ ବିଳମ୍ବିତ ରାତିରେ ବିଦ୍ୟାଳୟରୁ ୪ଟି ସିଲିଂ ଫ୍ୟାନ, ଏକ ପାଣି ମୋଟର, ୧ଟି ବେସିନ ଓ ୨ଟି ପାଣି ଟ୍ୟାପ ଚୋରି ହୋଇଥିଲା। ଏ ନେଇ ୨୯ ତାରିଖରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୬୫/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗୁରୁବାର ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଥିବା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଶିଶୁମନ୍ଦିର ଶ୍ରେଣୀଗୃହ ଉଦ୍‌ଘାଟିତ

କେନ୍ଦୁଝର, ୨।୧୦(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ଶନିବାର ଅପରାହ୍ନରେ କେନ୍ଦୁଝରଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବ ନିର୍ମିତ ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିଛନ୍ତି। ବିଦ୍ୟାଳୟ ତରଫରୁ ଆୟୋଜିତ ଏକ ସଭାରେ ପରିଚାଳନା ସମିତିର ସଭାପତି ଡ. କାର୍ତ୍ତିକ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ପୂର୍ବ କ୍ଷେତ୍ର ଅଧ୍ୟକ୍ଷ ଡା. ଲକ୍ଷ୍ମୀକାନ୍ତ ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରତିଷ୍ଠା କରାଯାଇଥିବା ଭାରତରତ୍ନ ଅଟଳ ବିହାରୀ ବାଜପେୟୀ, ଭକ୍ତ କବି ଜୟଦେବ ଓ ସାମନ୍ତ ଚନ୍ଦ୍ର ଶେଖରଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ଅତିଥି ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସଂଘ ଚାଳକ କୈଳାସ ଚନ୍ଦ୍ର ମହାପାତ୍ର, ଉତ୍ତର ସଂଭାଗ ସମ୍ପାଦକ ଗଙ୍ଗାଧର କର, ସଂଭାଗ ପାଳକ କୈଳାସ ଚନ୍ଦ୍ର ମହାନ୍ତ, ସତ୍ୟନାରାୟଣ ମହାପାତ୍ର, ଜଗବନ୍ଧୁ ମହାନ୍ତ, ଚତୁର୍ଭୁଜ ହୋତା, ସୁକାନ୍ତ ବେହେରା, ଶ୍ରୀନିବାସ ପ୍ରଧାନ ଓ ଇଂ ହରମୋହନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସୂଚନା ଥାଉ କି, ଏହି ବିଦ୍ୟାମନ୍ଦିର ଶ୍ରେଣୀଗୃହ ପାଇଁ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ଅନୁଦାନ କରାଯାଇଥିଲା।

## ଆଦିବାସୀ ବସ୍ତିରେ ବଣ୍ଟାଗଲା ରନ୍ଧାଖାଦ୍ୟ

ବାସୁଦେବପୁର, ୨।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବେତଡ଼ା ନିକଟସ୍ଥ ବିଷ୍ଣୁବିନ୍ଧା ଗ୍ରାମର ଏକ ଆଦିବାସୀ ବସ୍ତିରେ ଜିଲା ଯୁବ ଯାଦବ ମହାସଭାର ଜିଲା ସଭାପତି ପ୍ରକାଶଜ୍ୟୋତି ମହାକୁଡ଼ଙ୍କ ଉଦ୍ୟମରେ ଗାନ୍ଧୀ ଜୟନ୍ତୀ ଅବସରରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ବସ୍ତିରେ ଥିବା ଶତାଧିକ ଆଦିବାସୀ ପରିବାର ସଦସ୍ୟ ଓ ଛୋଟ ପିଲାଙ୍କ ସହ ମହାସଭାର ସଭାପତି ମହାକୁଡ଼ ଖାଦ୍ୟ ଖାଇବା ସହ ରନ୍ଧାଖାଦ୍ୟ ପରସିଥିଲେ। ଗାନ୍ଧିଜୀଙ୍କ ଅହିଂସା ଓ ସତ୍ ମାର୍ଗରେ ବ୍ରତୀ ହେବାକୁ ଆଦିବାସୀ ପିଲାମାନଙ୍କୁ ସେ ପରାମର୍ଶ ଦେଇଥିଲେ। କିଶୋର ମହାକୁଡ଼, ମନୋଜ ଜେନା, ହରେକୃଷ୍ଣ ଦାସ, ରଜନୀ ଗାହାଣ, ବେଣୁଧର ବିନ୍ଧାଣୀ, ରାଜେନ୍ଦ୍ର ଦାସ, ୱାର୍ଡସଭ୍ୟ ଖଗେନ୍ଦ୍ର ଜେନାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପୃଥକ ଗାନ୍ଧିଜୟନ୍ତୀ ପାଳନକୁ ନେଇ ଚର୍ଚ୍ଚା

ଚମ୍ପୁଆ, ୨।୧୦(ଡି.ଏନ.ଏ.)

ଗାନ୍ଧୀ ଜୟନ୍ତୀ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ଶିକ୍ଷାନୁଷ୍ଠାନରେ ଏହା ପାଳନ ହୋଇଥିବା ବେଳେ ଭାଜପା, କଂଗ୍ରେସ ଓ ବିଜେଡି ପକ୍ଷରୁ ଚମ୍ପୁଆ ସଦର ମହକୁମା ଗାନ୍ଧୀ ଛକ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ମାତ୍ର ବିଜେଡି ପକ୍ଷରୁ ପୃଥକ ଭାବେ ଜୟନ୍ତୀ ପାଳନ କରାଯାଇଥିବାରୁ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସକାଳ ୮ଟାରେ ବିଜେଡି ଏନ୍‌ଏସି ସଭାପତି ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ତଥା କେନ୍ଦୁଝର ଜିଲା ମହିଳା ସଭାପତି ରମଣୀ ନାଏକଙ୍କ ଉପସ୍ଥିତିରେ ମହାତ୍ମା ଗାନ୍ଧୀଙ୍କ ସମେତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହିତ ଡାକ୍ତରଖାନା ପରିସରରେ ଝାଡୁ ମାରିବା ଓ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲ। ମାତ୍ର କିଛିଘଣ୍ଟା ବ୍ୟବଧାନରେ ଚମ୍ପୁଆ ଯୁବସଭାପତି ସୁବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ବିଧାୟିକା ମିନାକ୍ଷି ମହାନ୍ତ, ସଂଖ୍ୟାଲଘୁ ସଭାପତି ନେସାର ହାୟତ କର୍ମୀମାନଙ୍କ ସହ ଆସି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଡାକ୍ତରଖାନାରେ ଝାଡୁ ମାରିବା, ରୋଗୀଙ୍କୁ ଫଳ ବାଣ୍ଟି ପରିସରରେ ବୃକ୍ଷରୋପଣ କରିଥିଲେ।

## ଗାନ୍ଧୀ ଜୟନ୍ତୀରେ ବିଚାର ମଞ୍ଚ



ଜୟନ୍ତୀ ପାଳନ ଅବସରରେ ପୁସ୍ତକ ଉନ୍ମୋଚନ କରାଯାଉଛି।

କେନ୍ଦୁଝର, ୨।୧୦(ସ୍ୱ.ପ୍ର.)

ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଆସ ଶୁଣିବା ଗାନ୍ଧୀ କଥା ବିଚାର ମଞ୍ଚ ତେଲକୋଇ ବ୍ଲକ ବନବିହାରୀପୁର୍ ଗ୍ରାମରେ ଆରଭିଡିଓ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଦର୍ଶନରେ କିପରି ଅନୁପ୍ରାଣିତ ହୋଇ ପ୍ରେରିତ ହେବା ସେହି ଗାନ୍ଧୀ ଦର୍ଶନ ବିଷୟରେ ଆଲୋଚନା ହୋଇଥିଲା। କୃଷ୍ଣଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା, ମୁଖ୍ୟବକ୍ତା ଭାବେ ଗାନ୍ଧୀ ଶାନ୍ତି କେନ୍ଦ୍ରର ସମ୍ପାଦକ ନିମାଇଁ ଚରଣ ଶତପଥି, ସମ୍ମାନିତ ଅତିଥି ଭାବେ ନରେଶ ପଟ୍ଟନାୟକ ଆର ଭିଡିଓର ସମ୍ପାଦକ ମନୋଜ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ସ୍ଥାନୀୟ ଶିଶୁ ଯତ୍ନ ସଂସ୍ଥାର ଶିଶୁ ତଥା ଆଶା କର୍ମୀ ଉପସ୍ଥିତ ଥିଲେ।

## ମୃତ ନାବାଳକଙ୍କ ପରିବାରକୁ ମିଳିଲା କ୍ଷତିପୂରଣ

ବାରିପଦା ଅଫିସ,୨।୧୦

ଜାତୀୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ବାଘମୁଣ୍ଡା ଗ୍ରାମରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ନାବାଳକଙ୍କ ପରିବାରକୁ ଓଡ଼ିଶା ସରକାର ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୯ ଅଗଷ୍ଟ ୧୭ରେ ବାଘମୁଣ୍ଡା ଗ୍ରାମର ଘନଶ୍ୟାମ ବୁଦିଉଲିଙ୍କ ନାବାଳକ ପୁତ୍ର ସାଦ ବୁଦିଉଲି(୧୬) ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ରାସ୍ତାକଡ଼ ଖୁଣ୍ଟରେ ଝୁଲି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ମାନବାଧିକାର କର୍ମୀ ଦିଲୀପ ଦାସ ଜାତୀୟ ମାନବାଧିକାର କମିଶନଙ୍କଠାରେ ମାମଲା ଦାୟର କରିଥିଲେ। କମିଶନ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ସଚିବ ଓ ମୟୂରଭଞ୍ଜ ଏସ୍‌ପିଙ୍କଠାରୁ ରିପୋର୍ଟ ତଲବ କରିଥିଲେ। ସମସ୍ତ ରିପୋର୍ଟକୁ ଭିତ୍ତି କରି ଗତ ଜୁନ ୭ରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ମାନବାଧିକାର ଉଲ୍ଲଂଘନ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ।

## ଜିଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

ବାରିପଦା ଅଫିସ,୨।୧୦

ମୟୂରଭଞ୍ଜ ଜିଲା ସିନିୟର ସିଟିଜେନ ଫୋରମର ସଦସ୍ୟ ସରୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ପ୍ରଭାରୀ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଜିଲାର ସାମଗ୍ରିକ ବିକାଶ ଉପରେ ଆଲୋଚନା କରିଥିଲେ। ଫୋରମର ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ ଜିଲାର ବିକାଶକୁ ନେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାଠପାଳ ସ୍ଥିତ ସ୍ପିନିଂ ମିଲ୍‌ର ସମ୍ପୂର୍ଣ୍ଣ ପୁନରୁଦ୍ଧାର, କାଠପାଳଠାରେ ଏକ ପ୍ରାଣୀ ଡାକ୍ତରଖାନା ସହ ପ୍ରାଣୀ ଗବେଷଣା କେନ୍ଦ୍ର, ବାରିପଦା, ବେତନଟୀ, ଉଦଳା, ରାଇରଙ୍ଗପୁର ଓ କରଞ୍ଜିଆଠାରେ ୫ଟି ୫ ହଜାର କ୍ଷମତା ବିଶିଷ୍ଟ ଓମ୍‌ଫେଡ୍ ଚିଲିଂ ପ୍ଲାଣ୍ଟ ପ୍ରତିଷ୍ଠା, ସୁବର୍ଣ୍ଣରେଖା ଜଳସେଚନର ପୂର୍ଣ୍ଣାଙ୍ଗତା, ଶିମିଳିପାଳରେ ଇକୋ ଟୁରିଜିମ, କଖାରୁଆ ବୈଦ୍ୟନାଥ ମନ୍ଦିର, ହରିହର ବଳଦେବ ଜୀଉ ମନ୍ଦିର ସୌନ୍ଦର୍ଯ୍ୟକରଣ, କେଶନାର ଷ୍ଟୋନ କର୍ଭିଂ ଓ କୁଳିଅଣାର ଡୋକ୍ରା କାଷ୍ଟିଂର ବିକାଶ, ଶିମିଳିପାଳର ସୁରକ୍ଷା ଓ ବିକାଶ, ବୁଢ଼ାବଳଙ୍ଗ ଉପରେ ତିନୋଟି ବ୍ୟାରେଜ ନିର୍ମାଣ, ବାରିପଦା ଆଡିବନ୍ଧ ତୁରନ୍ତ ଶେଷ ସହ ଗୋପବନ୍ଧୁ ଐତିହ୍ୟ ଭବନକୁ ଏକ ମନୁମେଣ୍ଟରେ ପରିଣତ ଆଦି ପାଇଁ ଦୃଢ଼ ପ୍ରତିଶ୍ରୁତି ନେଇ କାମ କରିବେ ବୋଲି ପ୍ରଭାରୀ ଦାସ କହିଛନ୍ତି। ଶେଷରେ ଛଉ ଓ ଝୁମରର ଉନ୍ନତି ପାଇଁ ଏକ କମିଟି ଗଠନ କରି ରିପୋର୍ଟ ପ୍ରସ୍ତୁତ ନିମନ୍ତେ ଫୋରମକୁ ଅନୁରୋଧ କରିଥିଲେ। ଏହି ଆଲୋଚନାରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଦେବାଶିଷ ମହାନ୍ତି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ଆଲୋଚନାରେ ଅଂଶଗ୍ରହଣ କରିଥିବା ସିନିୟର ସିଟିଜେନ ଫୋରମର ସଦସ୍ୟ ଓ ଅନ୍ୟମାନେ।

